# ଜିଲ୍ଲା କାର୍ଯ୍ୟାଳୟ, ନୟାଗଡ଼

## (ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ)

## ବିଜ୍ଞାପନ

ନଂ- ୧୩୮୧ ତା- ୧୪.୧୨.୧୧

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମିତ୍ତ ଜଣାଇ ଦିଆଯାଉଅଛିଯେ ଜିଲ୍ଲା ଚୟନ କମିଟିଙ୍କ ଅନୁମୋଦନ କ୍ରମେ ଏହି ଜିଲ୍ଲା କାର୍ଯ୍ୟାଳୟର ବିଜ୍ଞାପନ ନଂ - ୧୭୯୩ ତା ୧୯.୧୧.୨୦୧୧ ରିଖରେ ପ୍ରକାଶ ପାଇଥିବା ଅସ୍ଥାୟୀ ଚିଠା ମେଧା ତାଲିକାକୁ ଭିତ୍ତିକରି ପ୍ରାର୍ଥିମାନଙ୍କଠାରୁ ପାଇଥିବା ଅଭିଯୋଗକୁ ବିଚାରକୁ ନେଇ ସଂଶୋଧିତ ତାଲିକା ପ୍ରକାଶ ପାଇଛି । ଯାହା ଜିଲ୍ଲା ୱେବସାଇଟ୍ **www.nayagarh.nic.in** ରେ ଉପଲବ୍ଧ ।

ତାଲିକାରେ ଥିବା ସମସ୍ତ ପ୍ରାର୍ଥିମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଜିଲ୍ଲା କଲ୍ୟାଣ ଅଧିକାରୀ, ନୟାଗଡ଼ଙ୍କ କାର୍ଯ୍ୟାଳୟରେ ତା ୨୦.୧୨.୨୦୧୧ ପୂର୍ବାହ୍ନ ୧୦ ଘଟିକାଠାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଉପସ୍ଥିତ ରହି ସେମାନଙ୍କର ସମସ୍ତ ମୂଳ ପ୍ରମାଣପତ୍ର ଯାଞ୍ଚ କରାଇବେ । ଯାଞ୍ଚ ସମୟରେ ସେମାନେ ତାଙ୍କର ସମସ୍ତ ମୂଳ ପ୍ରମାଣପତ୍ରର ଏକକିତା ସହି ନକଲ ମଧ ଦାଖଲ କରିବେ । ଯେଉଁ ପ୍ରାର୍ଥୀମାନେ ନିର୍ଦ୍ଧାରିତ ତାରିଖରେ ଯାଞ୍ଚ ପାଇଁ ଅନୁପସ୍ଥିତ ରହିବେ ସେମାନଙ୍କର ପ୍ରାର୍ଥିତ୍ୱ ବିଚାରକୁ ନିଆଯିବ ନାହିଁ ।

ଜିଲ୍ଲାପାଳ, ନୟାଗଡ଼